ISSN -2583-147X (P), **Vol.- 10, Issue No.II, May 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଭାରତୀୟ ଜ୍ଞାନ ପରମ୍ପରାରେ 'ବ୍ରହ୍ମ' ବିଚାର

## ଡକ୍ଟର ଚିତ୍ତରଞ୍ଜନ କୁଣ୍ଡୁ

ଭାରତ ଏକ ପବିତ୍ର ତଥା ମହାନ୍ ଐତିହ୍ୟମଣ୍ଡିତ ରାଷ୍ଟ୍ର । ବିଭିନ୍ନ ପ୍ରଦର୍ଶନ, ନିଦର୍ଶନ, ବିଚାରଧାରା, ଆବିଷ୍କାର, ଉଦ୍ଭାବନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତର ଏକ ଗରିମାମୟ ଅବଦାନ ରହିଅଛି । ଦେବଭୂମି, ବେଦଭୂମି, ଧର୍ମଭୂମି, କର୍ମଭୂମି, ଆର୍ଯ୍ୟଭୂମି ଆଦି ନାମରେ ସେ ପରିଚିତ । ଅତୀବ ପ୍ରାଚୀନ କାଳରୁ ତପସ୍ୟାରତ ମୁନିଋଷିମାନେ ଏହିଠାରେ ପ୍ରଣବ ମନ୍ତ୍ରୋଚ୍ଚାରଣ କରି ପରମପିତାଙ୍କ ସାନିଧ୍ୟ ଲାଭର ମାର୍ଗ ପ୍ରସ୍ତୁତ କରୁଥିଲେ । ବେଦ, ବେଦାନ୍ତ, ଆଗମ, ନିଗମ, ଛନ୍ଦ, ନିରୁକ୍ତ, ବ୍ୟାକରଣ, ଅଳଙ୍କାର, ମୀମାଂସା ଆଦି ବିବିଧ ଓଜସ୍ୱିନୀ ଅମୂଲ୍ୟ ତାତ୍ତ୍ୱିକ ଶାସ୍ତ୍ରମାନ ଏହି ଭୂମିର ଅମୃତଫଳ । ସୁତରାଂ ସମଗ୍ର ବିଶ୍ୱପାଇଁ ଭାରତରେ ରହିଛି ଏକ ବିଶାଳ ଅପୂର୍ବ ସମୃଦ୍ଧ ଜ୍ଞାନ ପରମ୍ପରା । ଏହି ଜ୍ଞାନ ପରମ୍ପରା ମଧ୍ୟରେ ସାଧୁସନ୍ଥମାନେ ଓ ମୁନିଋଷିମାନେ ପ୍ରଦାନ କରିଯାଇଥିବା ବ୍ରହ୍ମତତ୍ତ୍ୱ ବା ଶୂନ୍ୟତତ୍ତ୍ୱର ବିଚାର ସ୍ୱତନ୍ତ୍ର ।

କଥିତ ଅଛି ଏକବ୍ରହ୍ମ ଦ୍ୱିତୀୟନାସ୍ତି । ଅର୍ଥାତ୍ ବ୍ରହ୍ମ ଅଦ୍ୱିତୀୟ, ଅଣାକାର, ନିରାକାର, ଅଖଣ୍ଡ, ଅଲୌକିକ ସତ୍ତା । ସେ ରୂପାତୀତ, ଗୁଣାତୀତ, ଜ୍ଞାନାତୀତ, ସୌନ୍ଦର୍ଯ୍ୟାତୀତ । ସେ ସ୍ୱୟଂ ପରଂବ୍ରହ୍ମ, ସତ୍ୟ, ସନାତନ, ନିରାମୟ ପୁରୁଷ । ଅବନୀରୁ ଅନ୍ତରୀକ୍ଷ, ସ୍ଥୂଳରୁ ସୂକ୍ଷ୍ମ, ପିଣ୍ଡରୁ ବ୍ରହ୍ମାଣ୍ଡ, ବାଳରୁ ବୃଦ୍ଧ, ମାନବରୁ ଇତରଜୀବ ପ୍ରତ୍ୟେକଙ୍କ ଅନ୍ତରର ନିଭୃତ କନ୍ଦରରେ ତାଙ୍କର ଅବସ୍ଥିତି । ସେ ଏ ବିସ୍ତୃତ ଦୃଶ୍ୟମାନ ଜଗତର ଅଦୃଷ୍ଟ ଶକ୍ତି । ସେ ସ୍ୱୟଂଭୂ । ତାଙ୍କର ଇଙ୍ଗିତରେ ସୃଷ୍ଟି, ବିକାଶ, ବିଲୟ ଆଦି ସମ୍ଭବ ହୋଇଥାଏ । ସୃଷ୍ଟିର ଆଦିମ କାଳରୁ ସ୍ୱୟଂ ବ୍ରହ୍ମା, ଶିବ, ଇନ୍ଦ୍ରାଦି ଦେବତାମାନେ ତାଙ୍କର ମହିମାକୁ ବର୍ଣ୍ଣନା କରିବାକୁ ଚାହିଁ ମଧ୍ୟ କରିପାରି ନାହାଁନ୍ତି । ଯୋଗୀ ମୁନିମାନେ ନିତ୍ୟନିୟତ ତାଙ୍କରି ଅପରିଦୃଷ୍ଟ ପାଦକୁ ଧ୍ୟାନକରି, ନାମକୁ ଜପକରି ଓ ମହାଜ୍ୟୋତିକୁ ନେତ୍ରପଥରେ ଧାରଣ କରି ସାଧନା ଓ ସିଦ୍ଧିର ମାର୍ଗ ନିର୍ମଳ-ଉଜ୍ଜ୍ୱଳ କରିଛନ୍ତି । ମାଣ୍ଡୁକ୍ୟୋପନିଷଦରେ କଥିତ ଅଛି-

"ବ୍ରହ୍ମୈବେଦମମୃତଂ ପୁରସ୍ତାଦ୍ ବ୍ରହ୍ମ
ପଶ୍ଚାଦ୍‌ବ୍ରହ୍ମ ଦକ୍ଷିଣତଶ୍ଚୋତ୍ତରେଣ
ଅଧଶ୍ଚୋର୍ଦ୍ଧ୍ୱଞ୍ଚ ପ୍ରସୃତଂ ବ୍ରହ୍ମୈ
ବେଦଂ ବିଶ୍ୱମିଦଂ ବରିଷ୍ଠମ୍ ।"

କଠୋପନିଷଦରେ ଠିକ୍ ଅନୁରୂପ ଭାବରେ କୁହାଯାଇଛି- ଯେଉଁ ପ୍ରାଣ ସ୍ୱରୂପ ଆତ୍ମାଠାରୁ ସୂର୍ଯ୍ୟଦେବ ଉଦିତ, ଅସ୍ତ ହୁଅନ୍ତି. ସେହି ଆତ୍ମାରେ ସମସ୍ତ ଦେବଗଣ ସଂପ୍ରବେଶିତ ଅଛନ୍ତି । କେହି ଏହି ଆତ୍ମାକୁ ଅତିକ୍ରମ କରିପାରନ୍ତି ନାହିଁ । ଅର୍ଥାତ୍ କେହି ଏହି ଆତ୍ମ ସ୍ୱରୂପକାତିରିକ୍ତ ନୁହଁନ୍ତି । ଏ ହେଉଛନ୍ତି ପ୍ରକୃତ ବ୍ରହ୍ମ, ଯଥା-

"ଯତଶ୍ଚୋଦେତି ସୂର୍ଯ୍ୟୋସ୍ତଂ ଯତ୍ର ଚ ଗଚ୍ଛତି
ତଂ ଦେବାଃ ସର୍ବେଽର୍ପିତାସ୍ତଦୁ ନାତ୍ୟେତି କଶ୍ଚନ ଏତଦ୍ୱୈତତ୍ ।"

ସୁଖାସନରେ ଉପବେଶନ ପୂର୍ବକ ଦୃଷ୍ଟି ସ୍ଥିର ରଖି ସ୍ୱହୃଦୟରେ ମହିମା ଅଲେଖ ବ୍ରହ୍ମ, ସଚ୍ଚିଦାନନ୍ଦ ବ୍ରହ୍ମ, ସଚ୍ଚିଦେବଙ୍କ ବ୍ରହ୍ମ, ସଚ୍ଚିନ୍ମୟ ବ୍ରହ୍ମଙ୍କ ନାମ ଚିନ୍ତନ କରାଯାଏ । ଆଉ ମଧ୍ୟ ପ୍ରାଣବାୟୁ ଦ୍ୱାରା ଅଜପା ଭଜନ "ହଂ ସଃ" ଏହି ବେନି ଅକ୍ଷରରେ ଜୀବ ଅହନିଶ ଜପ କରେ । ଅନାହତ ନାଦାନୁସନ୍ଧାନ ଶ୍ରବଣରେ ଚିତ୍ତନିବେଶ ପୂର୍ବକ "ହଂସ ସୋଽହଂସଃ କେବଳ ପରଂବ୍ରହ୍ମଙ୍କ ଅଭୟ ପଦରୁ କ୍ଷରିତ । ଏହିପରି ସ୍ମରଣ ଚିନ୍ତନ ସହ କାୟ ମନୋବାକ୍ୟରେ ପରଂବ୍ରହ୍ମଙ୍କ ସ୍ମରଣରେ ନିମଜ୍ଜିତ ରହିଲେ ଅଜ୍ଞାନ ମୋହ ବନ୍ଧନରୁ ମୁକ୍ତ ହୋଇ 'ଆତ୍ମା ସ୍ୱରୂପ' ଦର୍ଶନ ଲାଭ କରିହୁଏ । ସମାଧିସ୍ଥିତ ଭାବେ ସଚରାଚର ନିଖିଳ ଜଗତକୁ ଓଁକାର ବୋଧିତ ମନେକରି ଜଗତ୍ ଓଁକାରବାଚକ ଓ ଓଁକାର ଜଗତବାଚକ ଭାବିବା ଦରକାର । ଯେତେ ଦିନ ଯାଏ ଏହି ଜ୍ଞାନ ନ ଜନ୍ମେ ସେତେଦିନ ଯାଏ ଏହି ରୂପ ଚିନ୍ତା କରିବାକୁ ହୁଏ । ଜ୍ଞାନୋତ୍ପନ୍ନ ହେଲେ ଆଉ ଜୀବକୁ ଓଁକାର ଚିନ୍ତା କରିବାକୁ ହୁଏ ନାହିଁ । ସେଥିପାଇଁ 'ଆଧ୍ୟାତ୍ମ

ରାମାୟଣ'ରେ କୁହାଯାଇଛି-

"ଅକାର ସଂଜ୍ଞଃ ପୁରୁଷେ ହି ବିଶ୍ୱକ୍
ଉକାରେକସ୍ତେଜମ୍ ଈର୍ଯ୍ୟତେ କ୍ରମାତ୍
ପ୍ରଜ୍ଞୋମକାରଃ ପରିପାଠ୍ୟତେଽଖିଳୈଃ
ସମାଧିପୂର୍ବଂ ନ ରୁ ତତ୍ତ୍ୱତୋ ଭବେତ୍ ।"

ଶ୍ରୀମଦ୍ଭଗବତ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଜ୍ଞାନ ଦର୍ଶନ ଅବକାଶରେ କହିଛନ୍ତି- ଆମ୍ଭେ ସର୍ବବ୍ୟାପୀ । ଯେଉଁ ଯୋଗୀ ଆମ୍ଭଙ୍କୁ ଅଭେଦ ଜ୍ଞାନ କରି ଭଜନକରନ୍ତି, ସେ ଯେକୌଣସି ଅବସ୍ଥାରେ ଥିଲେ ମଧ୍ୟ ଆମ୍ଭଠାରେ ଯୁକ୍ତ ହୁଅନ୍ତି । ଏଥି ନିମିତ୍ତ ଜଗତ୍‌ସ୍ୱାମୀ ଏକ ପରଂବ୍ରହ୍ମଙ୍କ ବ୍ୟତୀତ ଅନ୍ୟ କାହାରିକୁ ଚିନ୍ତା କରିବାରେ ନିଷେଧ ଦେଇଅଛନ୍ତି । ଯଥା-

"ସର୍ବଭୂତସ୍ଥିତଂ ଯେ ମାଂ ଭଜତ୍ୟେକତ୍ୱମାସ୍ଥିତଃ
ସର୍ବଥା ବର୍ତ୍ତମାନୋପି ସ ଯୋଗୀମୟୀ ବର୍ତ୍ତତେ ।"

ପୁଣି ପରଂବ୍ରହ୍ମଙ୍କ ସ୍ଥାନ ନିରୂପଣରେ ସେ ସ୍ୱୟଂ କହନ୍ତି ଯେଉଁଠାରେ ସୂର୍ଯ୍ୟ, ଶଶାଙ୍କ, ବହ୍ନି କେହି ଉଦ୍‌ଭାସିତ ନ ହୁଅନ୍ତି, ଯେ ସେ ସ୍ଥାନକୁ ଥରେ ଯାଇ ଆଉ ଫେରି ଆସିପାରେ ନାହିଁ, ତାହା ହେଉଛି ପରମ ଧାମ ବା ପରମ ପୁରୁଷଙ୍କ ନିତ୍ୟସ୍ଥଳ । ଯଥା-

"ନ ତଭାସୟତେ ସୂର୍ଯ୍ୟେ ନ ଶଶାଙ୍କ ନପାବକଃ
ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମଂ ପରମଂମମଃ ।"

ପରମବ୍ରହ୍ମଙ୍କର ଏହି ସ୍ଥିତି, ଜ୍ୟୋତି ଓ ଜାଗ୍ରତଶକ୍ତି ଏ ସମଗ୍ର ସଂସାରରେ ପୂରି ରହିଛି । ପଞ୍ଚଭୂତ୍‌କ୍ଷିତି, ଅପ, ତେଜ, ମରୁତ, ବ୍ୟୋମରେ ତାଙ୍କର ସ୍ଥିତି ସଦା କ୍ରିୟାଶୀଳ । ସେହି ପରମାତ୍ମା ଆଦିଶକ୍ତି ପରଂବ୍ରହ୍ମଙ୍କ ଅପରୂପ ଅଲୌକିକ ମହିମା ଏହିପରି ଭାବେ ଆମ ଭାରତୀୟ ଜ୍ଞାନ ପରମ୍ପରାରେ ବିଦିତ । ସଂସ୍କୃତ ଭାଗବତ, ମହାଭାରତ, ଅଷ୍ଟାଦଶ ପୁରାଣ ବିବିଧ ସଂହିତାଦି ଏହି ଜ୍ୟୋତିରାନନ୍ଦ ପୁରୁଷଙ୍କର ଭୂୟୋସି ବର୍ଣ୍ଣନା କରି ଅଛନ୍ତି । ଏହି କ୍ରମରେ ଓଡ଼ିଆ ସାହିତ୍ୟରେ ବ୍ରହ୍ମଙ୍କ ସ୍ଥିତି କିପରି ଓ କେଉଁଠି ବୋଲି ସାଧକମାନେ କହି ଯାଇଛନ୍ତି ନିମ୍ନରେ ତାହା ଆଲୋଚନାର ଅପେକ୍ଷା ରଖେ ।

ଆଦିକବି ସାରଳା ଦାସଙ୍କ ପୂର୍ବରୁ 'ଚର୍ଯ୍ୟାଗୀତିକା'ରେ ଆମେ ଦେଖୁ କାୟାକୁ ତରୁବର ଜ୍ଞାନକରି ସେଥିରୁ ପଞ୍ଚମନରୂପୀ ପଞ୍ଚଡାଳର ଆବିର୍ଭାବ ହୋଇଥିବାର ଦୃଷ୍ଟାନ୍ତ । ଯଥା-

"କାଆ-ତରୁବର ପଞ୍ଚବୀଡାଲ
ଚଞ୍ଚଳ ଚୀଏଁ ପଇଠା କାଲ ।"

ପୁଣି "ଉଞ୍ଚାଉଞ୍ଚା ପାବତ ଯହିଁ ବସଇ ଶବରୀବାଳୀ" ଅର୍ଥାତ୍ ମସ୍ତକ ରୂପୀ ଉଞ୍ଚ ପର୍ବତରେ ନୈରାତ୍ମା ଦେବୀ, ପରମାତ୍ମାଙ୍କର ସ୍ଥିତି ବୋଲି ବର୍ଣ୍ଣିତ । ମାଟିର ମହାକବି ସାରଳା ଦାସ ଯୋଗ ମାର୍ଗରେ ଯାଇ ପିଣ୍ଡ ମଧ୍ୟରେ କିପରି ବ୍ରହ୍ମ ଠାବ କରିହେବ ପ୍ରମାଣ ଦିଅନ୍ତି 'ବନପର୍ବ'ରେ । ଯଥା-

"ଷଡ଼ପଦ୍ମପରେ ପୁଣି ତ୍ରିବେଣୀ ସଙ୍ଗମ
ନାସିକା ଚକ୍ଷୁ ମଧ୍ୟରେ କରହୋ ସନ୍ଧାନ ।
ସେ କର୍ମ ପୁରୁଷକୁ ଭେଟିବ ବୁଦ୍ଧିବଳେ
ଅଜପା ଲୟେ କରିଣ ବସିବ ନିଶ୍ଚଳେ
ମହାଅନନ୍ତ ଶିର ଶିଖରେ ମଣି ଆସନ
ବିଂଶ ଦ୍ୱାଦଶ ଷୋଡ଼ଶ ଦୁଇ ଦଳେଣ ।
ନ ଯାଇ ନଥାଇ ନାଚି ନାହିଁ ଉଦେ ଅସ୍ତ
ନାହିଁ ନିଦ୍ରା ମଇଥୁନ ନାହିଁ ଦିବାରାତ୍ର ।"

ପଞ୍ଚସଖାମାନେ ଏହି ବ୍ରହ୍ମଜ୍ଞାନ ଦର୍ଶନରେ ଉଚ୍ଚାଙ୍ଗ ତଥା ବିସ୍ତୃତ ବ୍ୟାଖ୍ୟାମାନ କରି ଯାଇଛନ୍ତି । ତାତ୍‌କାଳୀନ ଓଡ଼ିଆ ଭାଷାର ସ୍ୱୟଂ ସଂପୂର୍ଣ୍ଣ ସ୍ଥିତି ଦୃଶ୍ୟ ନହେବା ସ୍ଥଳେ, କୁସଂସ୍କାର, ଅନ୍ଧବିଶ୍ୱାସ ଅସ୍ପୃଶ୍ୟତା, ଜାତି ଭେଦ ସାମାଜିକ ଜୀବନକୁ କବଳିତ କରି ରଖିଥିବା ଅବକାଶରେ ଚିରନମସ୍ୟ ପଞ୍ଚସଖାମାନେ ଉତ୍କଳୀୟ ବୈଷ୍ଣବ ଧାରାରେ ଶରୀର ତତ୍ତ୍ୱକୁ ଯେପରି ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଛନ୍ତି, ତାହା ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟରେ ଅବିସ୍ମରଣୀୟ । 'ବ୍ରହ୍ମାଣ୍ଡ ଭୂଗୋଳ'ର ପଞ୍ଚମ ଅଧ୍ୟାୟରେ ଭଗବାନଙ୍କ ମୁଖରେ ଅର୍ଜୁନଙ୍କ ପ୍ରତି ବ୍ରହ୍ମଜ୍ଞାନର ସ୍ୱରୂପ ପ୍ରକାଶିତ । ଯଥା-

"ପୂର୍ବେଟି ମହାଶୂନ ଜାଣ । ଅନନ୍ତ ଜ୍ୟୋତିଟି ପ୍ରମାଣ ।
ଓଁକାର ଏକାକ୍ଷର କହି । ଜ୍ୟୋତିରୁ ର କାର ଜନ୍ମଇ ॥
ବାସୁକୀ ପବନକୁ କହି । ର କାରୁ ପବନ କ୍ଷରଇ ॥
ନାମଟି ବ୍ରହ୍ମା ବୋଲାଇଲା । ଓଁକାର ତହୁଁ ଜାତ ହେଲା ॥
ନାରଦ ତ୍ରିଗୁଣକୁ କହି । ରକାରୁ ସେହିଜନ୍ମ ହୋଇ ॥
ବ୍ୟାସଟି ଚୈତନ୍ୟ ପୁରୁଷ । ଓଁକାର ତହୁଁ ଯେ ପ୍ରକାଶ ॥
ଶୁକ ଯେ ସୁଷୁମନା ଦ୍ୱାର । ରକାର ସେଠାରୁ ବାହାର
ନାମଟି ପରୀକ୍ଷ ହୋଇଲା । ଓଁକାରୁ ଶବଦ ହୋଇଲା ॥

ସେହିପରି 'ବିରାଟ ଗୀତା'ରେ ସେ କହନ୍ତି- ଯେତେବେଳେ ଜଳ ସ୍ଥଳ କିଛି ନଥିଲା, ସେତେବେଳେ ପରଂବ୍ରହ୍ମ ମହାଶୂନ୍ୟରେ ଥିଲେ । ସେତେବେଳେ ତାଙ୍କର ବିରାଟ ରୂପ ଥିଲା । ସୃଷ୍ଟି ନିମନ୍ତେ ସେ ଶୂନ୍ୟକୁ ବିନ୍ଦୁକ୍ଷେପଣ କଲେ । ବିନ୍ଦୁରୁ ଶକ୍ତି, ଶକ୍ତିରୁ ଓଁକାର, ଓଁକାରରୁ ତ୍ରିବୀଜ, ତ୍ରୀବିଜରୁ ନାମ, ନାମରୁ

ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଜାତ । ସେଥିରୁ ଜଗତ ଓ ଜୀବର ସୃଷ୍ଟି । 'ବିରାଟ ଗୀତା'ର ଷଷ୍ଠ ଅଧ୍ୟାୟରେ ଶରୀରର ବିଭିନ୍ନ ଅଙ୍ଗକୁ କବି ବିଭିନ୍ନ ସ୍ଥାନ ଓ ତତ୍ତ୍ୱ ସହିତ ଚିହ୍ନିତ କରିଛନ୍ତି । ଯଥା-

ଉତ୍ପତ୍ତି ଦ୍ୱାର ଇନ୍ଦ୍ରିକହି । ପ୍ରଳୟ ଦ୍ୱାର ସେ ଅଟଇ ॥
ଉକାର ତହୁଁ ରାତ୍ର ହୋଇ । ଓଁ କାର ଦିବସ ଜନ୍ମଇ ॥
ଯେ ପ୍ରାଣ ପବନ ଅଟଇ । ଅପାନ ରଜଭାଗ କହି ॥
ଉଦରୁ ର ଜାତ ହେଲା । ଏମନ୍ତେ ବ୍ୟାନ ବୋଲାଇଲା ॥

ସେହିପରି ମହାଶୂନ୍ୟ ସମ୍ବନ୍ଧରେ ଅର୍ଜୁନଙ୍କ ପ୍ରାଣରେ ଶ୍ରୀକୃଷ୍ଣ କହିଛନ୍ତି-

"ନିତ୍ୟ ଉପରେ ମହାଶୂନ୍ୟ । ଶୂନ୍ୟ ଉପରେ ବ୍ରହ୍ମଜାଣ
ବ୍ରହ୍ମ ଉପରେ ଆଦିଶକ୍ତି । ତା ତଳେ ଷୋଳଶୂନ୍ୟ ଅଛି ।

ଭକ୍ତକବି ବଳାରାମ ଦାସଙ୍କ 'ଛତିଶ ଗୁପ୍ତଗୀତା' ଏକ ଯୋଗଶାସ୍ତ୍ର ସମ୍ବନ୍ଧୀୟ ରଚନା, ଯେଉଁଥିରେ ବୈଷ୍ଣବ ଧର୍ମର ତତ୍ତ୍ୱ ବର୍ଣ୍ଣିତ । ଏହି ଗ୍ରନ୍ଥରେ କବି ରୂପକ ଛଳରେ ଧର୍ମତତ୍ତ୍ୱର ବର୍ଣ୍ଣନା କରି ଗ୍ରନ୍ଥର ଆରମ୍ଭରେ କହନ୍ତି-

"ବୋଲନ୍ତି ଶ୍ରୀହରି ଶୁଣ ହୋ ଅର୍ଜୁନ କହଇ ଜ୍ଞାନର ଭୂଇଁ
ମେଦିନୀରେ ଆତ୍ମା ବ୍ୟାପିଣ ଅଛଇ ଯେ ଯଥା ସ୍ଥାନରେ ଥାଇ ।
ପୁଣ୍ୟଗିରି ଫୁଟି ବହୁଛି ତ୍ରିବେଣୀ ପଡୁଛି ଈଶ୍ୱର ମାଥ
ପଞ୍ଚପୁଷ୍ପ ଘେନି ହରଙ୍କୁ ସେବିଲେ ଅମର ହୋଇବୁ ପାର୍ଥ ।
ଇୟଂଳା ପିୟଂଳା ଶିଶୁମୁନା ତିନି ଉଜାଣି ପବନେ ଛନ୍ଦ
ହେଟର ପାଣି ଉପରକୁ ଟେକିଲେ ତେବେ ଅଜ୍ରାମର କନ୍ଧ ॥"

ସେହିପରି ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ଭାଗବତର ତୃତୀୟ ସ୍କନ୍ଧ ସପ୍ତବିଂଶ ଅଧ୍ୟାୟରେ କପିଳ-ଦେବହୂତି ସମ୍ବାଦରେ କହନ୍ତି-

"ପଦ୍ମ ଆସନେ ସିଦ୍ଧି ମନେ । ରୁନ୍ଧିବ ଇନ୍ଦ୍ରିୟ ପବନେ ॥
ସମାଧି ଧାରଣ ମଉନୀ । ଅଷ୍ଟାଙ୍ଗ ଯୋଗେ ଥାଇ ମୁନି ॥
ଯାହା ଚିନ୍ତନ୍ତି ତତ୍ତ୍ୱଜ୍ଞାନୀ । ପରମଜ୍ୟୋତି ରୂପେ ରସି ॥"

x x x

ଚେତନା ବୁଦ୍ଧି ଅହଙ୍କାର । ଯେ ଭୂତ ବିଷୟ ଗୋଚର ॥
ଏ ସର୍ବ ହରି ଭାବ ମାନେ । ଗଙ୍ଗା ସମୁଦ୍ର ମିଶେ ଯେହ୍ନେ ॥
ସାତ୍ତ୍ୱିକ ଭକ୍ତି ବୋଲି ତାରେ । ସେହି ଦୁର୍ଲଭ ଏ ସଂସାରେ ॥
ତ୍ରିଗୁଣ ବନ୍ଧ ସେ ମିଳଇ । ଉଦୟ ଅସ୍ତ ତା'ର ନାହିଁ ॥

ସେହିପରି 'ବ୍ରହ୍ମଗୀତା'ରେ କବି ଜଗନ୍ନାଥ ଦାସ କହନ୍ତି- ଶବ୍ଦର ଅନ୍ତରରେ ଧ୍ୱନି ଥାଏ । ସେ ଧ୍ୱନି ଅନ୍ତରରେ ଲୟକଲେ, ଜ୍ୟୋତି ଦେଖିବାକୁ ମିଳେ । ଜ୍ୟୋତିକୁ ଲୟ କଲେ ମନ ସଙ୍ଗତରେ ମେଳ ହୁଏ ।

"ଶ୍ରୀକୃଷ୍ଣ ବୋଲନ୍ତି ଅର୍ଜୁନ । ଶବଦ ଅନ୍ତେ ଧ୍ୱନି ପୁଣ ॥
ଧ୍ୱନି ଅନ୍ତେ ଲୟେ କଲେ । ଜ୍ୟୋତିକି ଦେଖିପାରୁ ଭଲେ ॥
ଜ୍ୟୋତିର ଅନନ୍ତ ଲୟେ କଲେ । ମନ ସଂଗତେ ମେଳ ଭଲେ ॥"

କବି ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତ ମଧ୍ୟ ତାଙ୍କ ଯୋଗଶାସ୍ତ୍ର ସମ୍ବଳିତ ଗ୍ରନ୍ଥମାନଙ୍କରେ ବ୍ରହ୍ମ ଦର୍ଶନ କରାଇଛନ୍ତି । 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ କବି ଅଭିମନ୍ୟୁ ମଧ୍ୟ କହନ୍ତି-

"ଆଦି ଅନାଦି କାରଣ ନିର୍ଗୁଣ ସଗୁଣ
ଆତ୍ମାରାମ ସନାତନ ବ୍ରହ୍ମ ନିରୂପଣ
ଈଶ୍ୱର ସ୍ୱତନ୍ତ୍ର ସ୍ୱୟଂ ଭଗବାନ ତୁହି
ଇଚ୍ଛାମୟ ସର୍ବଶକ୍ତିବନ୍ତ ତତ୍ତ୍ୱ ବିହି ।"

'ବ୍ରହ୍ମ ବିଚାର' ପ୍ରସଙ୍ଗରେ ସନ୍ଥକବି ଭୀମଭୋଇଙ୍କ ଗୁରୁତ୍ୱ ଅଭିନନ୍ଦନୀୟ । କନ୍ଧ ଜାତିର ପ୍ରତୀକ ସାଜି ବ୍ରହ୍ମର ମୂଳ ସ୍ୱରୂପର ଅନନ୍ତ ପ୍ରତୀତି ଅବବୋଧ କରାଇ ଏକ ବିଶ୍ୱମାନବବାଦ ପ୍ରତିଷ୍ଠା ଦିଗରେ କବି ପୂଜ୍ୟ । ସେ ତାଙ୍କର ସର୍ବଶ୍ରେଷ୍ଠ ଗ୍ରନ୍ଥ 'ସ୍ତୁତିଚିନ୍ତାମଣି'ରେ କହନ୍ତି-

ଜାଗିଛନ୍ତି ବ୍ରହ୍ମଅଗ୍ନି ଅଲେଖ କୁଣ୍ଡେ
ଧାପ ଦେଇଛନ୍ତି ଏକୋଇଶ ବ୍ରହ୍ମାଣ୍ଡେ ।

ମହିମା ଧର୍ମର ଆଦ୍ୟ ପ୍ରଚାରକ ଭାବେ ବ୍ରହ୍ମଙ୍କୁ ଅଲେଖ, ଅଣାକାର ଶୂନ୍ୟପୁରୁଷ ଭାବେ ଭାବି ସେ ଏକାକ୍ଷର ମନ୍ତ୍ର ଜପକରି ତାଙ୍କୁ ପ୍ରାପ୍ତ ଦେବା ସମ୍ବନ୍ଧରେ କହନ୍ତି-

"ଅଲେଖ ପାଟଣାପୁର, ସେଠାବରେ ତାଙ୍କ ଘର
ନାହିଁ ସରଗ ଉଷୁମ, ଭଜନ ଏକଅକ୍ଷର
ଶୂନ୍ୟ ମନ୍ଦିରେ ବିହାର, ରୂପରେଖ ନାହିଁ ଯାର ।"

ଖାଲି ଏତିକି ନୁହେଁ; ଓଡ଼ିଆ ସାହିତ୍ୟରେ କବି ଅରକ୍ଷିତ ଦାସ, ମହାଦେବ ଦାସ, ଦ୍ୱାରକା ଦାସ, ଦେବଦୁର୍ଲ୍ଲଭ ଦାସ, କହ୍ନାଇ ଖୁଣ୍ଟିଆ, ମାଧବ ପଟ୍ଟନାୟକ, ମାଧବୀ ଦାସୀ ଆଦି ବ୍ରହ୍ମଙ୍କ ସ୍ୱରୂପ ଓ ବୈଶିଷ୍ଟ୍ୟ ପ୍ରତିପାଦନରେ ଆପଣାର ସିଦ୍ଧହସ୍ତତା ପ୍ରକଟ କରିଛନ୍ତି । ପବିତ୍ର ସନାତନ ସଂସ୍କୃତିରେ ଭାରତୀୟ ଜ୍ଞାନ ପରମ୍ପରାର ଅନନ୍ତ ବିସ୍ତୃତି ମଧ୍ୟରେ ଏହି ବ୍ରହ୍ମ ଦର୍ଶନ ଯେ ଏକ ବିଶିଷ୍ଟ ମହତ୍ତ୍ୱପୂର୍ଣ୍ଣ ଆସନରେ ସମାସୀନ, ଏହା ଅନସ୍ୱୀକାର୍ଯ୍ୟ ।

ଅଧ୍ୟାପକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଡକ୍ଟର ଯଦୁନାଥ ମହାବିଦ୍ୟାଳୟ, ରସାଳପୁର, ବାଲେଶ୍ୱର